## ସଂକ୍ଷେପରେ

### ୩ ହାଇୱାକୁ ୩୦ ହଜାର ଜରିମାନା



**ଭୁବନ, ୮।୫(ଡି.ଏନ.ଏ.):** ଓଭରଲୋଡିଂ କରି ପଥର ଚିପ୍ସ ପରିବହନ କରୁଥିବାବେଳେ ଢେଙ୍କାନାଳ ଜିଲା ଭୁବନ ପୋଲିସ ଶନିବାର ୩ଟି ହାଇୱା ଜବତ କରିଛି। ସମ୍ପୃକ୍ତ ଗାଡ଼ିଗୁଡ଼ିକରୁ ୧୦ ହଜାର ଲେଖାଏ ମୋଟ ୩୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଲକ୍‌ଡାଉନ ସମୟରେ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଯାନବାହନ ଯାଞ୍ଚ କରାଯାଉଥିବାବେଳେ ଗାଡ଼ିଗୁଡ଼ିକ ଧରାପଡ଼ିଥିଲା। ପୋଲିସଠାରୁ ସୂଚନା ପାଇ ଆର୍‌ଆଇ ସଞ୍ଜୟ କୁମାର ଭୋଇ, ଅମିନ ରାକେଶ କୁମାର ପଣ୍ଡା ପହଞ୍ଚି ଜରିମାନା ଆଦାୟ କରିଥିଲେ।

### କୋଭିଡ୍ ସେଣ୍ଟର ସହାୟତା ନମ୍ବର ଜାରି

**ଢେଙ୍କାନାଳ ଅଫିସ, ୮।୫:** ଜନସାଧାରଣଙ୍କ ସୁବିଧା ଲାଗି ଶନିବାର ଢେଙ୍କାନାଳ ଜିଲାର କୋଭିଡ୍ କେୟାର ସେଣ୍ଟର ସହାୟତା ନମ୍ବର ଜାରି କରାଯାଇଛି। ଜିଲା ମୁଖ୍ୟାଳୟସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୭୮୪୬୮୯୭୨୪୨, ଭୁବନ ବ୍ଲକର ଗଡ଼ନୃସିଂହପ୍ରସାଦ ସେଣ୍ଟର ୭୨୦୫୬୭୩୮୫୫, ଗଁଦିଆ ବ୍ଲକ ଆଦର୍ଶ ବିଦ୍ୟାଳୟ ସେଣ୍ଟର ୯୪୩୭୬୩୪୦୮୩, ହିନ୍ଦୋଳ ବ୍ଲକ ୭୮୯୪୭୩୯୮୯୮, କାମାକ୍ଷାନଗର ବ୍ଲକ କୁସୁମଯୋଡ଼ି ହାଇସ୍କୁଲ ସେଣ୍ଟର ୭୮୪୬୮୯୫୪୮୫, ପରଜଙ୍ଗ ବ୍ଲକ କନ୍ଦରସିଂହା ଆଇଟିଆଇ କେନ୍ଦ୍ରକୁ ୯୩୩୭୩୯୮୧୭୨ରେ ଯୋଗାଯୋଗ କରିହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଆଇନଜୀବୀଙ୍କ ବିୟୋଗରେ ଶୋକ

**ଆଠମଲ୍ଲିକ,୮।୫(ଡି.ଏନ.ଏ.):** ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନ ସଦସ୍ୟ ଶରତ କୁମାର ସାହୁଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବିଧାୟକ ରମେଶ ଚନ୍ଦ୍ର ସାଏ, ଉପଜିଲାପାଳ ଲଳିତମୋହନ ବେହେରା ପ୍ରମୁଖ ଶରତଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଭାଜପା ନେତା ରୁଦ୍ରପ୍ରସାଦ ଷଡ଼ଙ୍ଗୀ, ବିଜେଡି ନେତା ପ୍ରକାଶ ଡାଙ୍ଗ, କଂଗ୍ରେସ ନେତା ଇଂ. କମଳାକାନ୍ତ ପ୍ରଧାନ ମଧ ତାଙ୍କ ପରଲୋକରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# କନ୍ଦାଇଲାଣି କଳାବଜାର

**ଖମାର, ୮।୫**



ଖମାର ବଜାର।

- ଅସ୍ୱାଭାବିକ ଦରବୃଦ୍ଧିରେ ଖାଉଟି ଦହଗଞ୍ଜ
- ସୁଯୋଗ ନେଉଛନ୍ତି ଅସାଧୁ ବ୍ୟବସାୟୀ
- ଯୋଗାଣ ବିଭାଗ ପଦକ୍ଷେପ ନେବାକୁ ଦାବି

କରୋନା ମହାମାରୀ ଆତଙ୍କ ଭିତରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ଖାଉଟିଙ୍କୁ କନ୍ଦାଇଲାଣି। ଗତ ସପ୍ତାହକ ଭିତରେ ରାଶନ, ପରିବା ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ବଢ଼ିଛି। ଯୋଗାଣ ବିଭାଗ ପକ୍ଷରୁ ବଜାରରେ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ କଳାବଜାର କରିବା ସହ ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରି ଶୋଷଣ କରୁଛନ୍ତି, ଯାହାକୁ ନେଇ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପାଲଲହଡ଼ା ବ୍ଲକର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ଖମାର ବଜାର। ଏହା ହୋଲ୍‌ସେଲ ମାର୍କେଟ ହୋଇଥିବାରୁ ଶଙ୍ଖପୁର, ବଡ଼ସଡ଼ା, କୁଞ୍ଜାମ, ମୁଣ୍ଡିରିବେଡ଼ା, ଇଞ୍ଜିଡ଼ି, ଆଲୁରି, ପରାଛାଟ ପଞ୍ଚାୟତବାସୀ ଏହା ଉପରେ ନିର୍ଭର କରିଥାଆନ୍ତି। ସେହିପରି ଆବଶ୍ୟକତାକୁ ନଜରରେ ରଖି ସମ୍ପୃକ୍ତ ପଞ୍ଚାୟତଗୁଡ଼ିକରେ ଶତାଧିକ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ିଉଠିଛି। ଲକ୍‌ଡାଉନ୍ ପୂର୍ବରୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣରେ ଥିଲା। ହେଲେ ୫ ତାରିଖରୁ ତାଲାବନ୍ଦ ଘୋଷଣା କରାଯିବା ସହ ଗାଡ଼ିମୋଟର ଚଳାଚଳ ପ୍ରଭାବିତ ହୋଇଛି। ଅଧିକ ଗାଡ଼ିଭଡ଼ା ପଡୁଥିବାରୁ ବ୍ୟବସାୟୀମାନେ ନିୟମିତ ବ୍ୟବଧାନରେ ସାମଗ୍ରୀ ଉଠାଉନାହାନ୍ତି। ତେଣୁ ଚାହିଦା ମୁତାବକ ସାମଗ୍ରୀ ଉପଲବ୍ଧ ହେଉନାହିଁ। ସେହିପରି କେତେଜଣ ବ୍ୟବସାୟୀ ନିଜସ୍ୱ ଗୋଦାମରେ ମାଲ୍ ଗଚ୍ଛିତ ରଖି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି, ଯାହା ଦରବୃଦ୍ଧିର କାରଣ ପାଲଟିଛି। ଖମାର ବଜାରରେ ୩ଦିନ ତଳେ ହରଡ଼ ଡାଲି କେଜି ପିଛା ୧୧୦ ଟଙ୍କା ଥିବାବେଳେ ଶନିବାର ଏହା ୧୩୦ରେ ବିକ୍ରି ହେଉଛି। ଆଳୁ ୩୦ ଟଙ୍କା ଛୁଇଁଲାଣି। ପିଆଜ ଦର ସପ୍ତାହକ ଭିତରେ ୫ରୁ ୭ ଟଙ୍କା ଯାଏ ବଢ଼ିଛି। ପ୍ୟାକେଟରେ ଦର୍ଶାଯାଇଥିବା ଏମ୍‌ଆର୍‌ପି ମୂଲ୍ୟଠାରୁ ବ୍ୟବସାୟୀମାନେ ଅଧିକ ଦାମରେ ସାମଗ୍ରୀ ବିକ୍ରି କରୁଛନ୍ତି। ପ୍ରତିବାଦ କଲେ ଖାଉଟିଙ୍କୁ ଖାଲି ହାତରେ ବାହୁଡ଼ାଇ ଦେଉଛନ୍ତି। କରୋନା ସମୟରେ ଜୀବନ ଜୀବିକା ପ୍ରଭାବିତ ହେଉଥିବାବେଳେ ଏଭଳି ଦରବୃଦ୍ଧି ଗରିବ ଶ୍ରେଣୀର ଲୋକଙ୍କ ପକେଟକୁ ବାଧୁଛି। ଦରଦାମ ବଢ଼ିବା ସମ୍ପର୍କରେ ନାମ ଗୋପନ ରଖିବା ସର୍ତ୍ତରେ ଖମାର ବଜାରର କେତେଜଣ ବ୍ୟବସାୟୀ କହିଛନ୍ତି, ସେମାନେ ବଡ଼ ବ୍ୟବସାୟୀଙ୍କଠାରୁ ଅଧିକ ଦରରେ ସାମଗ୍ରୀ କିଣୁଛନ୍ତି। ତେଣୁ ଅଧିକ ଦାମ୍‌ରେ ବିକ୍ରି କରିବାକୁ ବାଧ ହେଉଛନ୍ତି।

ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ପିଣ୍ଟୁ ବେହେରାଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ ସେ ପ୍ରସଙ୍ଗ ଏଡ଼ାଇ ଦେଇଥିଲେ।

#### ଦରବୃଦ୍ଧି ବେଶି ବାଧୁଛି



କରୋନା ମହାମାରୀ ସମୟରେ ଦରବୃଦ୍ଧି ସାଙ୍ଗକୁ କଳାବଜାର ବେଶି ବାଧୁଛି। ଯୋଗାଣ ବିଭାଗ ପକ୍ଷରୁ ଦର ନିୟନ୍ତ୍ରଣ ଲାଗି ପଦକ୍ଷେପ ନିଆଯାଉନାହିଁ। ନିୟମିତ ଯାଞ୍ଚ କରାଗଲେ ଅନେକାଂଶରେ ଏହାର ସମାଧାନ ହୋଇପାରନ୍ତା।

-ମୁକେଶ କୁମାର ପ୍ରଧାନ, ଉପଭୋକ୍ତା, ଖମାର

#### ଏମ୍‌ଆର୍‌ପି ଦେଖି ସାମଗ୍ରୀ କିଣ



କେତେଜଣ ଅସାଧୁ ବ୍ୟବସାୟୀ ନିଜର ସ୍ୱାର୍ଥ ପାଇଁ ଏଭଳି ବେଆଇନ କାରବାର କରୁଛନ୍ତି। ଖାଉଟିଙ୍କୁ ଭୁଆଁ ବୁଲାଉଛନ୍ତି। ଉପଭୋକ୍ତାମାନେ ଏମ୍‌ଆର୍‌ପି ଦେଖି ସାମଗ୍ରୀ କିଣିବା ଉଚିତ। ଦୋକାନୀ ଅଯଥା ଦରବୃଦ୍ଧି କରୁଥିବା ଜାଣିଲେ ପ୍ରଶାସନର ଦୃଷ୍ଟିକୁ ଆଣିବା ଜରୁରୀ।

-ନୀଳାଚଳ ପ୍ରଧାନ, ବ୍ୟବସାୟୀ, ଅନୁଗୋଳ

#### ଗମ୍ଭୀର ହେଉ ପ୍ରଶାସନ



ରାଶନ, ପରିବାଠାରୁ ଆରମ୍ଭ କରି ପ୍ରତ୍ୟେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଛି। ଦୋକାନୀମାନେ ମନଇଚ୍ଛା ଜିନିଷପତ୍ର ବିକ୍ରି କରୁଛନ୍ତି। ଏହା ଗରିବ ଏବଂ ମଧବିତ୍ତ ପରିବାରକୁ ବେଶି କଷ୍ଟ ଦେଉଛି। ଏହାକୁ ପ୍ରଶାସନ ଗମ୍ଭୀରତାର ସହ ନେବା ଉଚିତ।

-ରବିଚନ୍ଦ୍ର ପ୍ରଧାନ, ଉପଭୋକ୍ତା, ଖମାର

#### ସୋମବାର ଯାଞ୍ଚ କରାଯିବ



ଖମାର ସମେତ ବିଭିନ୍ନ ପଞ୍ଚାୟତରେ ଦୋକାନୀମାନେ ଚଢ଼ାଦରରେ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଯୋଗାଣ ଅଧିକାରୀଙ୍କୁ ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ସେ ଯାଞ୍ଚ କରିବାକୁ ଯାଇଥିବାବେଳେ ବଜାର ବନ୍ଦ ଥିଲା। ସୋମବାର ସ୍ଥିତି ପରଖିବାକୁ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

-ଅଜିତ୍ କୁମାର ପ୍ରଧାନ, ଉପଜିଲାପାଳ, ପାଲଲହଡ଼ା

### ୨ ସଂକ୍ରମିତଙ୍କ ମୃତ୍ୟୁ

**ବଇଣ୍ଡା, ୮।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ନୁନୁକାପଶି ପଞ୍ଚାୟତ ସରାଧାମୁଣ୍ଡା ଗ୍ରାମର ପ୍ରଶ୍ନ କୁମାର ପ୍ରଧାନ (୩୫) ଶନିବାର ତାଳଚେର କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଘରେ ଚିକିତ୍ସିତ ହେଉଥିବାବେଳେ ଗୁରୁତର ହୋଇ ପଡିବାରୁ ତାଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ଧଉରାପାଲି ଗ୍ରାମର ଦୁଷ୍ମନ୍ତ ସାହୁ (୪୭) ସମ୍ବଲପୁରରୁ ଫେରିବା ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର କୋଭିଡ୍ ଟେଷ୍ଟ ପରେ ରିପୋର୍ଟ ପଜିଟିଭ ଆସିଥିଲା। ଶନିବାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ତାଳଚେର କୋଭିଡ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ବିଡିଓ ଶ୍ୟାମଳ କୁମାର ରାଏ ସୂଚନା ଦେଇଛନ୍ତି। କିଶୋରନଗର ବ୍ଲକ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଂକ୍ରମଣ ଚେନ୍ ଭାଙ୍ଗିବାକୁ ହେଲେ ଜନସାଧାରଣଙ୍କୁ ସଚେତନ ରହିବାକୁ ପଡ଼ିବ। କୋଭିଡ୍ ନିୟମ ଅନୁପାଳନ କରିବା ସହ ପ୍ରଶାସନକୁ ସହାୟତା କଲେ କରୋନା ଯୁଦ୍ଧରେ ଜିତିହେବ। କରୋନା ଲକ୍ଷଣ ଥିଲେ ନ ଲୁଚାଇ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବାକୁ ବିଡିଓ ବ୍ଲକବାସୀଙ୍କୁ ନିବେଦନ କରିଛନ୍ତି।

# ଅନୁଗୋଳରୁ ୫୬୯, ଢେଙ୍କାନାଳରୁ ୧୭୭ ଚିହ୍ନଟ

## ୨ ଜିଲାରେ ସଙ୍ଗିନ ହେଉଛି ସ୍ଥିତି

**ଅନୁଗୋଳ ଅଫିସ/ ଢେଙ୍କାନାଳ ଅଫିସ, ୮।୫**



ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଗତ ୨୪ ଘଣ୍ଟା ଭିତରେ ଜିଲାରୁ ମୋଟ ୫୬୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୮ ହଜାର ୪୮୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକରୁ ସର୍ବାଧିକ ୧୨୫ଜଣ ଅଛନ୍ତି। ସେହିପରି କଣିହାଁ ବ୍ଲକରୁ ୭୬, ଛେଣ୍ଡିପଦା ବ୍ଲକରୁ ୨୨, ଅନୁଗୋଳ ପୌରାଞ୍ଚଳରୁ ୬୧, କିଶୋରନଗର ବ୍ଲକରୁ ୫୯, ତାଳଚେର ବ୍ଲକରୁ ୪୯, ଆଠମଲ୍ଲିକ ବ୍ଲକରୁ ୪୮, ଅନୁଗୋଳ ବ୍ଲକରୁ ୩୬, ତାଳଚେର ପୌରାଞ୍ଚଳରୁ ୨୧, ପାଲଲହଡା ବ୍ଲକରୁ ୧୯ ଓ ଆଠମଲ୍ଲିକ ଏନ୍‌ଏସିରୁ ୧୩ ଜଣ ପଜିଟିଭ୍ ବାହାରିଛନ୍ତି। ଅନ୍ୟପଟେ ଜିଲାରୁ ଦିନକରେ ୩୭୮ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଢେଙ୍କାନାଳ ଜିଲାରେ ମଧ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ଭିତରେ ୧୭୭ ନୂଆ ସଂକ୍ରମିତ ଚିହ୍ନଟ ହେବା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଛି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୬୯୨୧ରେ ପହଞ୍ଚିଛି। ନୂତନ କରି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୪୪, ହିନ୍ଦୋଳ ବ୍ଲକର ୩୮, କାମାକ୍ଷାନଗର ବ୍ଲକର ୨୮, ଓଡ଼ାପଡ଼ା ବ୍ଲକର ୨୩, ସଦର ବ୍ଲକର ୧୧, ହିନ୍ଦୋଳ ଏନ୍‌ଏସିର ୮, ଗଁଦିଆ ବ୍ଲକର ୭, ପରଜଙ୍ଗ ବ୍ଲକର ୬, ଭୁବନ ବ୍ଲକର ୪, କାମାକ୍ଷାନଗର ଏନ୍‌ଏସିର ୩, କଙ୍କଡ଼ାହାଡ଼ ବ୍ଲକର ୩ ଜଣ ଅଛନ୍ତି। ଚିକିତ୍ସାଳୟକୁ ଆସିଥିବାବେଳେ ୨ଜଣ ସଂକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ସେହିପରି ଶନିବାର ୨୫ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପଟେ ଜିଲାରୁ କରୋନା ଗୋଟିଏ ମୁଣ୍ଡ ନେବା ପରେ ଏହି ସଂଖ୍ୟା ୩୦ରେ ପହଞ୍ଚିଛି।

## ଫଟୋରେ ଖବର...



ଅନୁଗୋଳ ସହରରେ ପ୍ରବଳ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଶନିବାର ଗ୍ରୀଷ୍ମପ୍ରବାହ ଯୋଗୁ ରାସ୍ତାରେ ମରୀଚିକା ସୃଷ୍ଟି ହୋଇଛି। (ଫଟୋ-ବୁବୁ)

# ଘାଟିରେ ଫସିଲା ଅକ୍ସିଜେନ୍ ଟ୍ୟାଙ୍କର

**ଅନୁଗୋଳ ଅଫିସ, ୮।୫**

ଅନୁଗୋଳ ଜିଲାର ଜେଏସ୍‌ପିଏଲ୍ ପ୍ଲାଣ୍ଟରୁ ୧୫ ଟନ୍ ଅକ୍ସିଜେନ୍ ନେଇ ଆନ୍ଧ୍ରପ୍ରଦେଶ ଯାଉଥିବା ଏକ ଟ୍ୟାଙ୍କର ଶନିବାର କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ହିନ୍ଦୋଳ ଘାଟିରେ ଫସିଯାଇଛି। ଘାଟି ରାସ୍ତା ଦେଖି ଡ୍ରାଇଭର ଟ୍ୟାଙ୍କର ଫେରାଇ ଆଣିବାକୁ ଉଦ୍ୟମ ଚଳାଇଥିବାବେଳେ ଗାଡ଼ିଟି ସୁରକ୍ଷା ବାଡ଼ରେ ପିଟି ହୋଇଯାଇଥିଲା। ଏସ୍କର୍ଟରେ ଯାଉଥିବା ପୋଲିସ ଅଧିକାରୀ ଘଟଣା ସମ୍ପର୍କରେ ଅନୁଗୋଳ ଏସ୍‌ପିଙ୍କୁ ଅବଗତ କରାଇବା ପରେ ହିନ୍ଦୋଳ ଓ ନରସିଂହପୁର ଥାନାକୁ ସୂଚନା ଦିଆଯାଇଥିଲା। ଜେସିବି ସହାୟତାରେ ଟ୍ୟାଙ୍କରକୁ ରାସ୍ତାପାର୍ଶ୍ୱକୁ ଅଣାଯିବା ସହ ସୁରକ୍ଷା ବଳୟରେ ରଖାଯାଇଛି। ଶନିବାର ସପ୍ତାହାନ୍ତ ଶଟ୍‌ଡାଉନ ଥିବାରୁ ଏସ୍କର୍ଟ ଟିମ୍‌କୁ ଫେରାଇ ଅଣାଯାଇଛି। ହିନ୍ଦୋଳ ଓ ନରସିଂହପୁର ଥାନାକୁ ଘଟଣାସ୍ଥଳରେ ପାଟ୍ରୋଲିଂ କରିବାକୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ଅନୁଗୋଳରୁ ପୋଲିସ କର୍ମଚାରୀ ଯାଇ ଅକ୍ସିଜେନ୍ ଭର୍ତ୍ତି ଟ୍ୟାଙ୍କରକୁ ସୁରକ୍ଷା ଦେବେ। ରବିବାର ସକାଳେ ଆନ୍ଧ୍ରରୁ ଅନ୍ୟ ଏକ ଟ୍ୟାଙ୍କର ଆସି ପହଞ୍ଚିବ। ଏହାପରେ ଫସିଥିବା ଟ୍ୟାଙ୍କରରୁ ଅକ୍ସିଜେନ୍ କଢ଼ାଯାଇ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।



ଘାଟିରେ ଫସି ରହିଥିବା ଅକ୍ସିଜେନ ଟ୍ୟାଙ୍କର।

# ମୃତ୍ୟୁ ପରେ ଅଲୋଡ଼ା

- ଭୂତାଣୁ ଭୟରେ ମରିଯାଉଛି ମାନବିକତା
- ୧୫ ଘଣ୍ଟା ପଡ଼ିରହିଲା ବୃଦ୍ଧଙ୍କ ମୃତଦେହ
- ସଂକ୍ରମଣ ଭୟରେ କେହି ପାଖ ମାଡ଼ିଲେନି
- ପିପିଇ କିଟ୍ ପିନ୍ଧି ମଶାଣିକୁ ନେଲେ ବିଡିଓ, ସରପଞ୍ଚ



ବିଡିଓ, ସରପଞ୍ଚ ଏବଂ ଅନ୍ୟମାନେ ପିପିଇ କିଟ୍ ପିନ୍ଧି ମୃତଦେହ ମଶାଣିକୁ ନେଉଛନ୍ତି।

**ଛେଣ୍ଡିପଦା, ୮।୫(ସ୍ୱ.ପ୍ର.)**

ମହାମାରୀ ଆତଙ୍କ ଭିତରେ ମରିଯାଉଛି ମାନବିକତା। କୌଣସି କାରଣରୁ କେହି ଜଣେ ମରିଗଲେ ଘାରୁଛି ଭୂତାଣୁ ଭୟ। ସଂକ୍ରମଣ ଆଶଙ୍କାରେ ପାଖ ମାଡ଼ିବାକୁ କେହି ସାହସ ଜୁଟାଇପାରୁନାହାନ୍ତି। ମୃତ୍ୟୁ ପରେ ଶେଷକୃତ୍ୟ ଅପେକ୍ଷାରେ ଘଣ୍ଟା ଘଣ୍ଟା ଧରି ପଡ଼ିରହୁଛି ମରଶରୀର। ଶନିବାର ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାଝି ଗୋହିରାପଶି ଗ୍ରାମରେ। ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଯିବା ପରେ କରୋନା ଭୟରେ କେହି ପାଖ ମାଡ଼ିଲେ ନାହିଁ। ଗ୍ରାମରେ ସୃଷ୍ଟି ହୋଇଥିବା ଭୟର ବାତାବରଣ ଭିତରେ ମାନବିକତାର ଉଦାହରଣ ସୃଷ୍ଟି କଲେ ବିଡିଓ ଏବଂ ସ୍ଥାନୀୟ ସରପଞ୍ଚ। ଉଭୟେ ପିପିଇ କିଟ୍ ପିନ୍ଧି ମରଶରୀରକୁ କାନ୍ଧ ଦେବା ସହିତ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

ସମ୍ପୂର୍ଣ୍ଣ ଘଟଣା ଏହିପରି। ମାଝି ଗୋହିରାପଶି ଗ୍ରାମର ଗୋବିନ୍ଦ ମାଝିଙ୍କ ଗତ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ହଠାତ୍ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସାରା ଗାଁରେ ଖେଳିଯାଇଥିଲା ଆତଙ୍କ। କରୋନାରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରି ଭୟରେ ପରିବାର ଲୋକେ ପାଖ ମାଡ଼ି ନ ଥିଲେ। ଗ୍ରାମବାସୀ ମଧ ଦୂରେଇ ଯାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟା ଯାଏ ଗୋବିନ୍ଦଙ୍କ ମୃତଦେହ ପଡ଼ିରହିଥିଲା। ସୂଚନା ପାଇ ସରପଞ୍ଚ ନାରାୟଣ ବେହେରା ଏବଂ କେତେଜଣ ଖବରଦାତା ପହଞ୍ଚି ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ଶୁଣି ନ ଥିଲେ। ଫଳରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ପିଇଓଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଅଧିକାରୀମାନେ ପରିବାର ଲୋକ ଏବଂ ସାହିବାସୀଙ୍କୁ ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଏପରି କି ଆଶାକର୍ମୀ ଥିବା ମୃତ ଗୋବିନ୍ଦଙ୍କ ବୋହୂ ରେବତୀ ମଧ ସହଯୋଗ କରିବାକୁ ପଛଘୁଞ୍ଚା ଦେଇଥିଲେ। ଫଳରେ ବିଡିଓ, ସରପଞ୍ଚ, ପିଇଓ ଏବଂ ମୃତକଙ୍କ ପୁଅ ମୁନା ମାଝି ପିପିଇ କିଟ ପିନ୍ଧି ମୃତଦେହକୁ କାନ୍ଧ ଦେଇଥିଲେ। ବିଡିଓଙ୍କ ଏଭଳି ଉଦ୍ୟମ ଦେଖିବା ପରେ ଗ୍ରାମବାସୀ କାଠ ସଂଗ୍ରହ କରି ମଶାଣିକୁ ନେଇଥିଲେ। କୋଭିଡ୍ ନିୟମ ଅନୁଯାୟୀ ଗୋବିନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଏ ସଂକ୍ରାନ୍ତରେ ବିଡିଓ କୁହନ୍ତି, ଲୋକଙ୍କୁ ଏବେ କରୋନା ଭୟ ଘାରିଛି। ଫଳରେ ମରିବା ପରେ ବି ଲୋକେ ମୃତଦେହ ପାଖ ମାଡୁନାହାନ୍ତି। ମହାମାରୀ ସମୟରେ ମାନବିକତା ଦେଖାଇବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ସହ ଆବଶ୍ୟକ ସମୟରେ ପ୍ରଶାସନକୁ ସହାୟତା କଲେ କରୋନା ଯୁଦ୍ଧ ଜିତିହେବ ବୋଲି ସେ ସୂଚନା ଦେଇଛନ୍ତି।

### ସଂକ୍ରମିତ ବୋଲି ମିଳିଲାନି କାନ୍ଧ

**ଆଠମଲ୍ଲିକ, ୮।୫(ଡି.ଏନ.ଏ.)**

କୋଭିଡ୍‌ର ଦ୍ୱିତୀୟ ଲହର ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିଛି। ଜୀବନ ଚାଲିଯିବା ପରେ ବି ଚାରି କାନ୍ଧ ମିଳୁନାହିଁ। ମୃତଦେହକୁ ପରିବାର ପର କରି ଦେଉଥିବାବେଳେ ସମ୍ପର୍କୀୟ ବି ପାଖ ମାଡୁନାହାନ୍ତି, ଯାହାକୁ ନେଇ ଅନେକ ସମୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏଭଳି ଏକ ଘଟଣା ଏବେ ଅନୁଗୋଳ ଜିଲା ଆଠମଲ୍ଲିକ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଠମଲ୍ଲିକ ଏନ୍‌ଏସି ୩ନଂ. ୱାର୍ଡ ଅଧୀନ ଟାଙ୍ଗିଆନିଶା ବସ୍ତିର ଉଜ୍ୱଳା କଅଁର (୫୫) ଡ୍ରେନ୍‌ରେ ଖସିପଡ଼ି ଗୁରୁତର ହୋଇଥିଲେ। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ କରୋନା ପଜିଟିଭ୍ ଭାବେ ଚିହ୍ନଟ ହୋଇଥିଲେ। ଗତ ଏପ୍ରିଲ ୨୨ରେ ମେଡିକାଲରୁ ଫେରି ସେ ଗୃହ ସଙ୍ଗରୋଧରେ ଥିଲେ। ଗତ ଶୁକ୍ରବାର ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ କରୋନା ସଂକ୍ରମଣ ଭୟରେ ପରିବାର ସଦସ୍ୟ ଉଜ୍ୱଳାଙ୍କ ପାଖ ମାଡ଼ିଲେନି। ଦୀର୍ଘ ସମୟ ମୃତଦେହ ପଡ଼ିରହିବା ପରେ ଅଙ୍ଗନୱାଡି କର୍ମୀ ସ୍ଥାନୀୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ସୂଚନା ଦେଇଥିଲେ। ନିର୍ବାହୀ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା କରିବା ପରେ ଶନିବାର ଅନୁଗୋଳରୁ ସ୍ୱାସ୍ଥ୍ୟକର୍ମୀ ଆସି ଆମ୍ବୁଲାନ୍ସରେ ମୃତଦେହ ନେଇଯାଇଥିଲେ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ସଂକ୍ଷେପରେ

### ରୋଗୀ ମୃତ୍ୟୁକୁ ନେଇ ଉଦ୍‌ବେଗ

**ଢେଙ୍କାନାଳ ଅଫିସ, ୮।୫:** ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଚିକିତ୍ସା ଅବହେଳାରୁ ଶୁକ୍ରବାର ଜଣେ କରୋନା ସଂକ୍ରମିତ ମହିଳା ରୋଗୀ ମୃତ୍ୟୁ ଘଟିଥିଲା। ଏହି ପ୍ରସଙ୍ଗରେ ପ୍ରଶାସନକୁ ଟାର୍ଗେଟ କରିଛି ଭାଜପା। କିଛିଦିନ ତଳେ ଭାଜପାର ଏକ ପ୍ରତିନିଧି ଦଳ ମେଡିକାଲରେ ଭେଣ୍ଟିଲେଟର ବ୍ୟବସ୍ଥା ଓ ଟେକ୍ନିସିଆନ ନିଯୁକ୍ତି ସମ୍ପର୍କରେ ସିଡିଏମ୍‌ଓଙ୍କ ସହିତ ଆଲୋଚନା କରିଥିଲେ, ଯାହା ଅଦ୍ୟାବଧି ହୋଇନାହିଁ। ଭେଣ୍ଟିଲେଟର ଓ ଆଇସିୟୁର ଚିକିତ୍ସା ସୁବିଧା ନ ପାଇ କଟକ ରେଫର୍ କରାଯାଉଥିବାରୁ ବହୁ ସଂକ୍ରମିତ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟୁଛି। ତୁରନ୍ତ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ, ଜିଲା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ ପ୍ରମୁଖ ଦାବି କରିଛନ୍ତି।

### ସ୍ୱାବ୍ ପରୀକ୍ଷା ବଢ଼ାଇବାକୁ ଦାବି

**ଅନୁଗୋଳ ଅଫିସ, ୮।୫:** କରୋନା ମହାମାରୀ ସମୟରେ ଆମ୍ବୁଲାନ୍ସ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଅନୁଗୋଳ ଜିଲା ଭାଜପା। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଶନିବାର ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ଗୁରୁତ୍ୱାରୋପ କରାଯାଇଛି। ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଅକ୍ସିଜେନଯୁକ୍ତ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ସହ କୋଭିଡ୍ ସ୍ୱାବ୍ ଟେଷ୍ଟ ବଢ଼ାଇବା ଲାଗି ଦଳ ପକ୍ଷରୁ ଦାବି କରାଯାଇଛି। ସମସ୍ୟାକୁ ନେଇ ଜିଲାପାଳଙ୍କୁ ଭେଟି ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ତାଳଚେର ରେଳ ମଣ୍ଡଳ ସଭାପତି ବରୁଣ ସାହୁଙ୍କ ମା’ ଚେମି ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ସୁଦୀପ ଗଡ଼ନାୟକ, ପର୍ଶୁରାମ ବାରିକ, ଭବାନୀ ମେହେର, ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବାଲି ବୋଝେଇ ଟ୍ରାକ୍ଟରକୁ ଜରିମାନା

**ପାଟଣା, ୮।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡା ତହସିଲ ବୈତରଣୀ ନଦୀର ଉଦୟପୁର ବାଲି ଉତ୍ସରୁ ଶନିବାର ବେଆଇନ ଭାବେ ବାଲି ଉତ୍ତୋଳନ ହୋଇ ଚୋରା ଚାଲାଣ ହେଉଥିବା ବେଳେ ସାହାରାପଡା ତହସିଲଦାର ବାବାଜି ଚରଣ ସିଂ ଚଢ଼ାଉ କରି ଗୋଟିଏ ଟ୍ରାକ୍ଟରକୁ ଜବତ କରିବାସହ ଜରିମାନା ଆଦାୟ କରିଛନ୍ତି। ଜବତ ଟ୍ରାକ୍ଟରରୁ ୧୫୧୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ତହସିଲଦାରଙ୍କ ସହ ଉଦୟପୁର ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ଦ୍ୱିବେଦୀ ଓ ସାହରାପଡା ରାଜସ୍ୱ ନିରୀକ୍ଷକ ଶରତ ଚନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ୨୧ ଘଣ୍ଟା ପରେ ଉଠିଲା ମୃତଦେହ

**ଅନୁଗୋଳ ଅଫିସ, ୮।୫**

- ତାଳଚେର କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା
- ସହଯୋଗ କରୁନାହାନ୍ତି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ
- ପରିଚାଳନା ଉପରେ ପ୍ରଶ୍ନ ଉଠାଇଲେ ବୁଦ୍ଧିଜୀବୀ


ବାବୁଲିଙ୍କ ଶେଷକୃତ୍ୟ କରାଯାଉଛି।

ଅନୁଗୋଳ ଜିଲା ତାଳଚେର କୋଭିଡ୍ କେୟାର ସେଣ୍ଟର (ସିସିସି)ରେ ଶନିବାର ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଦୀର୍ଘ ସାଢ଼େ ୨୧ ଘଣ୍ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଠିଛି ଜଣେ ସଂକ୍ରମିତଙ୍କ ମୃତଦେହ, ଯାହା ଏବେ ସ୍ୱାସ୍ଥ୍ୟ ବିଭାଗର କୋଭିଡ୍-୧୯ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ବନ୍ତୁଲୁ ଅଞ୍ଚଳର ବାବୁଲି ସାହୁ (୪୫) କରୋନାରେ ସଂକ୍ରମିତ ହେବା ପରେ ଶୁକ୍ରବାର ସକାଳେ ତାଳଚେର ସିସିସିରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପରିବାରକୁ ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ମୃତଦେହ ଉଠିବା ସମ୍ପର୍କରେ ପରିବାର ଲୋକେ ବାରମ୍ବାର ପଚାରିବାରେ ସୁଇପର ନାହାନ୍ତି, ଗାଡ଼ି ଆସୁଛି, ଖୁବ୍‌ଶୀଘ୍ର ମୃତଦେହ ଉଠିବ ବୋଲି ବାରମ୍ବାର କହି ଚାଲିଥିଲେ। ଦୀର୍ଘ ସମୟ ଧରି ମୃତଦେହ ନ ଉଠିବାରୁ ଅସନ୍ତୁଷ୍ଟ ହୋଇ ସେମାନେ ସିଡିଏମ୍‌ଙ୍କୁ ଯୋଗାଯୋଗ କରିଥିଲେ। ହେଲେ ତାଙ୍କଠାରୁ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଶନିବାର ଅପରାହ୍ନ ସାଢ଼େ ୩ଟାରେ ଅନୁଗୋଳର ୨ ଜଣ ସଫେଇ କର୍ମଚାରୀ ପହଞ୍ଚିବା ପରେ ତାଳଚେର ସିସିସିରୁ ମୃତଦେହ ବାହାରିଥିଲା ଏବଂ କୋଭିଡ୍ ନିୟମ ଅନୁଯାୟୀ ଅନୁଗୋଳ ସହର ଉପକଣ୍ଠରେ ଥିବା କରଡ଼ାଗାଡ଼ିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ସେହିପରି ଶନିବାର ଜଣେ ବ୍ୟକ୍ତିଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ଡାକ୍ତର ତାଙ୍କୁ କୋଭିଡ୍ ପରୀକ୍ଷା କରିବା ଲାଗି ପରାମର୍ଶ ଦେଇଥିଲେ। ତାଙ୍କର ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା। ହେଲେ ରିପୋର୍ଟ ମିଳିବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗିଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଅସୁରକ୍ଷିତ ଅବସ୍ଥାରେ କରୋନା ସଂକ୍ରମିତ ୱାର୍ଡ ସମ୍ମୁଖରେ ଅପେକ୍ଷା କରିବାକୁ ବାଧ ହୋଇଥିଲେ। ଏହିସମୟ ଭିତରେ ରୋଗୀଙ୍କ ଅକ୍ସିଜେନ ସହାୟତା ଯୋଗାଇ ଦେବାକୁ ରୋଗୀଙ୍କ ସମ୍ପର୍କୀୟ ନେହୁରା ହୋଇଥିଲେ ମଧ୍ୟ ମେଡିକାଲ କର୍ମଚାରୀ ଅକ୍ସିଜେନ ଉପଲବ୍ଧ ନ ଥିବା କହିଥିଲେ। ଅବ୍ୟବସ୍ଥା ସମ୍ପର୍କରେ ରୋଗୀଙ୍କ ଘର ଲୋକେ ଫୋନ୍ ମାଧ୍ୟମରେ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହି ସମୟରେ ସିଡିଏମ୍‌ଓ ତାଳଚେର କୋଭିଡ୍ ହସ୍ପିଟାଲରେ ଥିବା କହିଥିଲେ। କିନ୍ତୁ ରୋଗୀଙ୍କ ଦୁଃଖ ବୁଝିବା ବଦଳରେ ବିରକ୍ତି ଭାବ ପ୍ରକାଶ କରିଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ବାରମ୍ବାର ଫୋନ୍ କରିବା ପରେ କରୋନା ୱାର୍ଡରେ ୩ଟି ଅକ୍ସିଜେନ୍ ସିଲିଣ୍ଡର ଥିବା ସୂଚନା ଦେଇଥିଲେ। ହେଲେ ସେଠାରେ କୌଣସି ଅକ୍ସିଜେନ୍ ସିଲିଣ୍ଡର ନ ଥିବା ଜଣାପଡ଼ିଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ତନାଘନା କରିବା ପରେ ଅନ୍ୟ ୱାର୍ଡରୁ ୩ ଅକ୍ସିଜେନ୍ ସିଲିଣ୍ଡର ଅଣାଯାଇଥିଲା। ଜିଲାରେ କରୋନା ପରିଚାଳନା ସମେତ ଟିକାକରଣରେ ମଧ୍ୟ ବ୍ୟାପକ ଅବ୍ୟବସ୍ଥା ଲାଗିରହିଛି। ଗତ କିଛିଦିନ ହେଲା ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୫୦୦ ତଳକୁ ଖସୁନି। ସମାନ୍ତରାଳ ଭାବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ କରୋନା ପରିଚାଳନାରେ ଏଭଳି ତ୍ରୁଟି ରୋଗୀ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି। ଏ ଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଘଟଣା ସମ୍ପର୍କରେ ସଡିଏମ୍‌ଓ ଅଭୟ କୁମାର ଦାଶଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ବୈଠକରେ ଥିବା କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।

### ଅକ୍ସିଜେନ ସମସ୍ୟା ନାହିଁ



ଜିଲାରେ ଅକ୍ସିଜେନ୍‌ର କୌଣସି ସମସ୍ୟା ନାହିଁ। ଯଦି ଡାକ୍ତରଖାନା କର୍ତ୍ତୃପକ୍ଷ ଲୋକଙ୍କୁ ଭୁଲ୍ ସୂଚନା ଦେଉଥିବେ, ତା’ହେଲେ ନଜର ରଖାଯିବ। କୋଭିଡ୍ ଆକ୍ରାନ୍ତଙ୍କ ମୃତଦେହ ଏତେ ସମୟ ଧରି ପଡ଼ି ରହିବା ଘଟଣା ଦୃଷ୍ଟିଗୋଚର ହୋଇ ନ ଥିଲା। ଏଭଳି ଘଟଣା ଆଦୌ ଗ୍ରହଣୀୟ ନୁହେଁ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବ।

ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ଅପାରଗ ପ୍ରଶାସନ



ଜିଲାରେ କରୋନା ସ୍ଥିତି ଗମ୍ଭୀର ଆଡ଼କୁ ଗତି କରୁଛି। ଏହାକୁ ପରିଚାଳନା କରିବାରେ ସ୍ୱାସ୍ଥ୍ୟ ବିଭାଗର ଦୂରଦୃଷ୍ଟିର ଅଭାବ ରହୁଛି। ଫଳରେ କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଉଛି। ବିଭାଗୀୟ ଅଧିକାରୀ ପ୍ରକୃତ ସମସ୍ୟାକୁ ଅଣଦେଖା କରୁଛନ୍ତି, ଯାହା ରୋଗୀଙ୍କ ସମସ୍ୟା ବଢ଼ାଉଛି।

-ପ୍ରଦୀପ କୁମାର ଦେବତା, ଆଇନଜୀବୀ

### ବାପାକୁ ଦୁଇଦିନ ପକାଇ ରଖିଲେ



ବାପାଙ୍କ ମୃତ୍ୟୁ ସମ୍ପର୍କରେ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ନେହୁରା ହେବା ସତ୍ତ୍ୱେ ମୃତଦେହ ବାହାରକୁ ବାହାର କରାଗଲାନି କିମ୍ବା କାହାରିକୁ ଭିତରକୁ ପ୍ରବେଶ କରିବାକୁ ଦେଲେନାହିଁ। ସିସିସି ବାରଣ୍ଡାରେ ୨୧ ଘଣ୍ଟା ଧରି ବାପାଙ୍କ ମରଶରୀର ପଡ଼ିରହିଲା। ଏଭଳି ଘଟଣାର ପୁନରାବୃତ୍ତି ଆଉ କାହା ସହିତ ନ ହେଉ।

-ରୁଦ୍ର ପ୍ରତାପ ସାହୁ, ମୃତକଙ୍କ ପୁଅ

## ବିଚିତ୍ର ନୀତି: ଜିଲା ଚିକିତ୍ସାଳୟରେ ୪ ଘଣ୍ଟା କୋଭିଡ୍ ପରୀକ୍ଷା

ଅନୁଗୋଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଶନିବାର ବିଚିତ୍ର ନିଷ୍ପତ୍ତି ନିଆଯାଇଛି। ୨୪ ଘଣ୍ଟିଆ ପରିବର୍ତ୍ତେ ମାତ୍ର ୪ ଘଣ୍ଟା ସ୍ୱାବ୍ ପରୀକ୍ଷା କରାଯିବ ବୋଲି କୁହାଯାଇଛି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବଶିଷ୍ଟ ୨୦ ଘଣ୍ଟା ମଧ୍ୟରେ ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ କରୋନା ପରୀକ୍ଷା ବନ୍ଦ ରହିବ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଏଭଳି ନିଷ୍ପତ୍ତି ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏହି ସମୟରେ ଯଦି କେହି ପଜିଟିଭ୍ ରୋଗୀ ଆସନ୍ତି, ତେବେ ତାଙ୍କର ଚିକିତ୍ସା କିଭଳି ଓ କେଉଁଠାରେ ହେବ ବୋଲି ପ୍ରଶ୍ନ ଉଠିଛି। ଏଥିସହ ଲକ୍ଷଣବିହୀନ ରୋଗୀଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂକ୍ରମଣ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ସିଡିଏମ୍‌ଓ ଡା. ଅଭୟ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ରବିବାରଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ପରୀକ୍ଷା ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ଯାଏ ହେବ। ତେବେ କେଉଁ କାରଣରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି, ତାହା ସ୍ପଷ୍ଟ କରାଯାଇନାହିଁ।

# ଅମାନିଆଙ୍କ ଉପରେ କଡ଼ା ନଜର



ଢେଙ୍କାନାଳ ବାଜିଚୌକଠାରେ ଏସ୍‌ପି ଯାଞ୍ଚ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୮।୫**

ଅମାନିଆଙ୍କୁ ସାବାଡ଼୍ କରିବାକୁ ଢେଙ୍କାନାଳ ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଛି। ଶନିବାର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ଛକରେ ପୋଲିସ ପକ୍ଷରୁ ନାକାବନ୍ଦୀ କରି ଯାଞ୍ଚ କରାଯାଇଥିଲା। ଅତ୍ୟାବଶ୍ୟକ କାମରେ ଆସୁଥିବା ଲୋକଙ୍କୁ ପଚରାଉଚୁରା କରି ଛଡ଼ାଯାଇଥିଲା। ବିନା କାର୍ଯ୍ୟରେ ବୁଲୁଥିବା ଲୋକଙ୍କୁ ତାଗିଦ୍ କରାଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଯାନବାହନ ଉପରେ କଡ଼ା ନଜର ରଖାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପି କହିଛନ୍ତି, ରାଜ୍ୟ ସରକାର ଏବଂ ଡିଜିପିଙ୍କ ନିର୍ଦ୍ଦେଶରେ ଯାଞ୍ଚ କାର୍ଯ୍ୟ କଡ଼ାକଡ଼ି କରାଯାଇଛି। ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ତାଗିଦ୍ ସତ୍ତ୍ୱେ କଟକଣା ଉଲ୍ଲଂଘନ କରୁଥିବା ଦୋକାନୀଙ୍କ ବିରୋଧରେ ଆବଶ୍ୟକ ପଡ଼ିଲେ ମାମଲା ରୁଜୁ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ୨ ଦୋକାନ ସିଲ୍, ୩ ମାଛ ବେପାରୀ ଅଟକ

**ବାଲିଆପାଳ, ୮।୫(ସ୍ୱ.ପ୍ର)**

କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ୧୪ଦିନିଆ ଲକଡାଉନ୍ ଘୋଷଣା କରିବା ସହ ଶନିବାର ଓ ରବିବାରକୁ ସପ୍ତାହାନ୍ତ ଶଟଡାଉନ୍ ଘୋଷଣା କରିଛନ୍ତି। ବାଲିଆପାଳ ବ୍ଲକର ସିମୁଳିଆ ବଜାର ଏବଂ ବାଲିଆପାଳ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଦକ୍ଷିଣ ବାଲିଆପାଳ ନୂଆଗାଁର ସାପ୍ତାହିକ ହାଟ ଚିରାଚରିତ ଭାବେ ଚାଲିଥିଲା ବେଳେ ଖବରପାଇ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ଚଢାଉ କରି ଦୁଇଟି ଦୋକାନକୁ ସିଲ୍ କରିବା ସହ ୩ଜଣ ମାଛ ବେପାରୀଙ୍କୁ ଅଟକ ରଖିଛନ୍ତି। ମାଛକୁ ଜବତ କରାଯାଇ ବାଲିଆପାଳ ଥାନାକୁ ନିଆଯାଇଛି। ଅଟକ ୩ ବେପାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

## ଆତଙ୍କ ଖେଳାଉଛନ୍ତି ୧୭ ହାତୀ


ଧାନଜମିରେ ହାତୀପଲ।

**ଚମ୍ପୁଆ, ୮।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧିନ ଚମ୍ପୁଆ ଓ ଉଖୁଣ୍ଡା ସେକ୍ସନରେ ୬ଦିନ ଧରି ହାତୀପଲଙ୍କ ଉତ୍ପାତ ଜାରି ରହିଛି। ବନ ବିଭାଗ ନାକେଦମ ହୋଇଥିବା ବେଳେ ଉଖୁଣ୍ଡା ଓ ଚମ୍ପୁଆ ସେକ୍ସନର ସମସ୍ତ ସ୍କାଡକୁ ହାତୀ ପଲ ଉପରେ ନଜର ରଖିବା ପାଇଁ ନିୟୋଜିତ କରିଛି। ସୂଚନା ଅନୁସାରେ ୭ଟିକିଆ ହାତୀ ପଲ ପ୍ରଥମେ ଚମ୍ପୁଆ ସେକ୍ସନରେ ପ୍ରବେଶ କରି ରଜିଆ ଓ କଇଁତା ଅଞ୍ଚଳରେ ଉତ୍ପାତ ଜାରି ରଖିଥିଲେ। ପରେ ଏହି ହାତୀ ପଲ ଟୁଣ୍ଡୁଟୁଣା ଅଞ୍ଚଳରେ ରହି ଖରାଟିଆ ଚାଷ କରିଥିବା ଧାନ କ୍ଷେତକୁ ନଷ୍ଟ କରିବା ପରେ ଗତରାତି ଉଖୁଣ୍ଡା ସେକ୍ସନର ଲକ୍ଷ୍ମୀପଶି ଅଞ୍ଚଳରେ ପଶି ଲିବ୍ୟା ମୁଣ୍ଡା ଓ ରମେଇ ମୁଣ୍ଡାଙ୍କ ଘର ଭାଙ୍ଗିଥିବା ବନ ବିଭାଗ ସୂଚନା ଦେଇଛି। ଏହି ହାତୀ ପଲରେ କେତେକ ଛୁଆ ହାତୀ ରହିଥିବାରୁ ସ୍ଥାନ ଛାଡି ଯାଉ ନ ଥିବା ଜଣାଯାଇଛି। ପୂର୍ବରୁ ହାତୀ ପଲ ଦିନବେଳା ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜଙ୍ଗଲରୁ ବାହାରି କ୍ଷତି ଘଟାଉଛନ୍ତି। ଏହି ହାତୀ ପଲ ଦିନାବେଳା ମଧ୍ୟ ଜଙ୍ଗଲରେ ନ ରହି ଚାରିଆଡେ ବୁଲୁଥିବାରୁ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି। ଚମ୍ପୁଆ ଚମ୍ପୁଆ ରେଞ୍ଜର ଶିବ ରାଉତ କହିଛନ୍ତି, ୨୦ରୁ ଅଧିକ ହାତୀ ସ୍କାଡ ଓ ପାରା ଷ୍ଟାଫଙ୍କୁ ନେଇ ୩ ଗୋଟି ଗାଡିରେ ହାତୀ ଘଉଡାଇବା କାର୍ଯ୍ୟ ଚାଲୁ ରହିଛି। ଅଯଥା ହାତୀ ପାଖକୁ ଯାଇ ହଇରାଣ ନ କରିବା ପାଇଁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି।

# ଢାବାରୁ ବିପୁଳ ମଦ ଜବତ


ଜବତ ମଦ ସହ ଗିରଫ ଅଭିଯୁକ୍ତ।

**ଭୁବନ, ୮।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଫାଣ୍ଡି ନିକଟସ୍ଥ ଜାତୀୟ ରାଜପଥ-୫୩ ପାର୍ଶ୍ୱରେ ଥିବା ରାଜକୁମାର ଢାବାରୁ ଶନିବାର ଅବକାରୀ ବିଭାଗ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ତାଲାବନ୍ଦ ସମୟରେ ଉକ୍ତ ଢାବାରେ ବେଆଇନ ଭାବେ ମଦ କାରବାର ଚାଲିଥିବା ସୂଚନା ପାଇ ଢେଙ୍କାନାଳ ଅବକାରୀ ଇନ୍ସପେକ୍ଟର ସମୀର ମହାନ୍ତିଙ୍କ ନେତୃତ୍ୱରେ କାମାକ୍ଷାନଗର ଅବକାରୀ ସବ୍‌ଇନ୍ସପେକ୍ଟର ମାନସୀ ସାହୁ, ମୋବାଇଲ ସ୍କାଡ୍ ଅତର୍କିତ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୨୪ ଲିଟର ବିୟର ଏବଂ ୨୦.୩୪୦ ଲିଟର ବିଭିନ୍ନ ବ୍ରାଣ୍ଡର ମଦ ଜବତ ହୋଇଛି। ଏହି ଘଟଣାରେ ଢାବା ମାଲିକ ତଥା ଟିପିଲେଇ ଗ୍ରାମର ଉମାଶଙ୍କର ଖିଲାର (୩୪) ଓ ତାଙ୍କ ଭାଇ ଅବିନାଶ ଖିଲାର (୩୮)ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଲାବନ୍ଦ ସମୟରେ ଭୁବନ ଅଞ୍ଚଳରେ ଏଭଳି ବେଆଇନ ମଦ କାରବାର ବଢ଼ିଛି। ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କୃଷି କର୍ମଚାରୀଙ୍କୁ ଯୋଦ୍ଧା ଘୋଷଣା ଦାବି

**ବାରିପଦା ଅଫିସ, ୮।୫**

କୃଷି ଅଧିଦର୍ଶକ ଓ କୃଷି କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହା ସହ ସମସ୍ତଙ୍କୁ ଟିକାକରଣ ନିମନ୍ତେ ଜିଲା କୃଷି ଅଧିଦର୍ଶକ ସଂଘର ସମ୍ପାଦକ ତୁଷାରକାନ୍ତି ମହାନ୍ତି, ସଭାପତି ତାରାକାନ୍ତ ଦାସ ପ୍ରମୁଖଙ୍କ ସମେତ କୃଷି କର୍ମଚାରୀ ସଂଘର ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ସଭାପତି ରାଜ କୁମାର ମହାନ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ରାଜ୍ୟ ସଂଘ ଜରିଆରେ ସରକାରଙ୍କ ନିକଟରେ ଜଣାଇଛନ୍ତି । ଜିଲା ସଂଘର ଆଭିମୁଖ୍ୟକୁ ରାଜ୍ୟ ସରକାର, କୃଷି ନିର୍ଦ୍ଦେଶକ ଓ ଖାଦ୍ୟ ଉତ୍ପାଦନ ଏବଂ କର୍ମଚାରୀଙ୍କୁ ତଦାରଖ କରିବାକୁ ପଡୁଛି କୃଷି ଅଧିଦର୍ଶକ ଓ କୃଷି କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମର ଫଳସ୍ୱରୂପ ରାଜ୍ୟ ସରକାର ଜାତୀୟ ସ୍ତରରେ ବହୁଥର କୃଷିକର୍ମଣ ପୁରସ୍କାର ପାଇପାରିଛନ୍ତି । ଅନ୍ୟପକ୍ଷେ କେତେକ କୃଷି ଅଧିଦର୍ଶକ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ କେତେକଙ୍କର ମୃତ୍ୟୁ ହୋଇସାରିଛି । ତେବେ ସରକାର ଏପର୍ଯ୍ୟନ୍ତ କୃଷି ବିଭାଗର କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରା ନ ଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଉଭୟ ସଂଘ ପକ୍ଷରୁ ଦାବି ହୋଇଛି।

# ଚାକିରି ନାଁରେ ୫ ଲକ୍ଷ ଠକେଇ

**ତାଳଚେର, ୮।୫ (ନି.ପ୍ର.)**


ପୋଲିସ ଗିରଫ କରିଥିବା ଦୁଇ ଅଭିଯୁକ୍ତ।

- ବାପପୁଅ ଗିରଫ, ପୋଲିସ ତଦନ୍ତ ଜାରି
- ବେକାର ଯୁବତୀଯୁବକଙ୍କୁ କରୁଥିଲେ ଟାର୍ଗେଟ୍

ଚାକିରି କରାଇଦେବା ନାମରେ ୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ତାଳଚେର ବ୍ଲକ କଲିୟାରୀ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାଲ୍‌କୋରେ କାର୍ଯ୍ୟରତ କର୍ମଚାରୀ ପରମାନନ୍ଦ ବେହେରା ଏବଂ ତାଙ୍କ ପୁଅ ପ୍ରୀତମ୍।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ତାଳଚେର ଥାନା ବଡ଼ଦାଣ୍ଡ ସାହିର କାର୍ତ୍ତିକ ରାଉତ ଡିପ୍ଲୋମା ପାସ୍ କରିବା ପରେ ଚାକିରି ଅନ୍ୱେଷଣରେ ଥିଲେ। ପରମାନନ୍ଦ କାମାକ୍ଷାନଗର ଓଟିପିସିଏଲ୍‌ରେ ଚାକିରି କରାଇ ଦେଉଥିବା ସୂଚନା ପାଇ କାର୍ତ୍ତିକ ଯୋଗାଯୋଗ କରିଥିଲେ। ୨୦୨୦ ଜୁଲାଇରେ ପରମାନନ୍ଦ, ପ୍ରୀତମ୍ ତାଳଚେର ସାଉଥବଲଣ୍ଡାର ଦୁର୍ଗାମଣ୍ଡପଠାରେ କାର୍ତ୍ତିକଙ୍କୁ ଭେଟି ଚାକିରି ସମ୍ପର୍କରେ ଆଲୋଚନା କରିବା ସହ ନଗଦ ୫ଲକ୍ଷ ଟଙ୍କା ନେଇଥିଲେ। ଏହାର ୫-୬ଦିନ ପରେ ନିଯୁକ୍ତିପତ୍ର ଏବଂ ଜଏନିଂ ଅର୍ଡର କାର୍ତ୍ତିକଙ୍କ ଇ-ମେଲରେ ପଠାଇଥିଲେ। ହେଲେ ଉକ୍ତ ନିଯୁକ୍ତିପତ୍ର ଜାଲ୍ ବୋଲି ଜଣାପଡ଼ିବା ପରେ କାର୍ତ୍ତିକ ପରମାନନ୍ଦଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ କାର୍ତ୍ତିକ କଲିୟାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ନଂ. ୧୯୪/୨୧ରେ ମାମଲା ରୁଜୁ ହୋଇଥିଲା। ପରମାନନ୍ଦ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ କାମ କରନ୍ତି। ତାଙ୍କ ପୁଅ ପ୍ରୀତମ୍ ବେରୋଜଗାର। ଦୁହେଁ ବେକାର ଯୁବତୀଯୁବକଙ୍କୁ ଚାକିରି ଦେବା ନାମରେ ପ୍ରଲୋଭିତ କରି ଲକ୍ଷାଧିକ ଟଙ୍କା ଆଦାୟ କରିଥିବା ପୋଲିସ ଜାଣିବାକୁ ପାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

